11th April, 2019

# ଭୁବନେଶ୍ୱର ଆଇଆଇଟି ସହ ଜାପାନ ଏଓଟିଏସ୍ ସହବନ୍ଧିତ

ଭୁବନେଶ୍ୱର,୯।୪(ବ୍ୟୁରୋ): ଭୁବନେଶ୍ୱର ଆଇଆଇଟି(ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି) ସହ ଜାପାନର ଆସୋସିଏସନ୍



ଫର ଓଭରସିଜ୍ ଟେକ୍ନିକାଲ୍ କୋପରେସନ୍ ଆଣ୍ଡ ସଷ୍ଟେନେବଲ୍ ପାର୍ଟନରସିପ୍(ଏଓଟିଏସ୍)ର ସହବନ୍ଧିତା ଆରମ୍ଭ ହୋଇଛି। ଫଳରେ ଭୁବନେଶ୍ୱର ଆଇଆଇଟିର ଛାତ୍ରଛାତ୍ରୀମାନେ ଜାପାନ ଭାଷା ଶିଖିବା ସହିତ ମିଳିତ ଗବେଷଣାର ସୁବିଧା ପାଇପାରିବେ। ଏହା ବ୍ୟତୀତ ଜାପାନର ବିଭିନ୍ନ କମ୍ପାନୀଗୁଡିକରେ ନିଯୁକ୍ତିର ସୁବିଧା ପାଇପାରିବେ। ତେବେ ଏହି ସହବନ୍ଧିତା ଯୋଗୁଁ ଜାପାନର ବହୁ କମ୍ପାନୀ ବିଭିନ୍ନ ସମୟରେ ଭୁବନେଶ୍ୱର ଆଇଆଇଟି ଆସି ବିଭିନ୍ନ କର୍ମଶାଳା ଆୟୋଜନ କରିବେ। ଏଥିରେ ଛାତ୍ରଛାତ୍ରୀମାନେ ଭାଗ ନେବେ। ଏହି ଅବସରରେ ଭୁବନେଶ୍ୱର

## ଜାପାନ ସହ ଯୋଡିହେବେ ଆଇଆଇଟି ଛାତ୍ର

ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଆର୍ କେ ରାଜକୁମାର କହିଛନ୍ତି, ଛାତ୍ରଛାତ୍ରୀମାନେ ରୋବୋଟିକ୍ସ, ଅଗମେଣ୍ଟେଡ୍ ଆଣ୍ଡ ଭର୍ଚୁଆଲ୍ ରିଏଲିଟି, ଏନର୍ଜି, କ୍ଲାଇମେଟ୍ ଚେଞ୍ଜ୍ ଆଦି ବିଭିନ୍ନ କ୍ଷେତ୍ରରେ ଅଧିକ ଜ୍ଞାନ ହାସଲ କରିପାରିବେ। ଜାପାନ ସରକାରଙ୍କର ଏଓଟିଏସ୍ ଅନୁଷ୍ଠାନ ସହ ଆଲୋଚନା ସମୟରେ ଭୁବନେଶ୍ୱର ଆଇଆଇଟି ରିସର୍ଚ୍ଚ ଡିନ୍ ପ୍ରଫେସର ଆର୍ କେ ପ୍ରଧାନ, ପ୍ରଫେସର ସୁଜିତ୍ ରୟ, ଡ. ସନ୍ଦୀପ ପଟ୍ଟନାୟକ, ଡ. ଅରୁଣ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।